# NATIONAL NEWS BULLETIN (ODIA)

## 12 April - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ଉଦ୍ଦେଶ୍ୟରେ ପର୍ତ୍ତୁଗାଲ୍ ଓ ସ୍ଲୋଭାକିଆ ଗସ୍ତ ଶେଷ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେ ରାଷ୍ଟ୍ରପତି ।
- ଏନ୍.ଡି.ଏ. ମେଣ୍ଟରେ, ଏ.ଆଇ.ଏ.ଡି.ଏମ୍.କେ. ସାମିଲ ହେବା ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ପ୍ରଧାନମନ୍ତ୍ରୀ ।
- ଭାରତ-ଆମେରିକା ମଧ୍ୟରେ ଆତଙ୍କବାଦ ବିରୋଧୀ ସହଯୋଗକୁ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ପ୍ରଶଂସା ।
- ତେଲଙ୍ଗାନାରେ ଆତ୍ମସମର୍ପଣ କଲେ ସି.ପି.ଆଇ. ମାଓବାଦୀ ଦଳର ୨୨ ସଦସ୍ୟ ।

ଏବଂ

- ଆଇପିଏଲ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍‌କୁ ୮ ୱିକେଟ୍‌ରେ ପରାସ୍ତ କଲା କୋଲକାତା ନାଇଟ୍ ରାଇଡର୍ସ୍ ।

# ପ୍ରେଜ୍-ପର୍ତ୍ତୁଗାଲ୍-ସ୍ଲୋଭାକିଆ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପର୍ତ୍ତୁଗାଲ୍ ଓ ସ୍ଲୋଭାକିଆ ଗସ୍ତ ଶେଷ କରି ଗତ ରାତିରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଉଭୟ ଦେଶ ସହ ଦ୍ୱିପାକ୍ଷିକ ସମ୍ପର୍କ ଦୃଢ଼ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଉଭୟ ଦେଶର ରାଷ୍ଟ୍ର ମୁଖ୍ୟଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦଙ୍କ ସହ ଅନେକ ଗୁଡ଼ିଏ ବୈଠକ କରିଥିଲେ ।

ସ୍ଲୋଭାକିଆ ରାଷ୍ଟ୍ରପତି ପିଟର ପେଲିଗ୍ରିନ୍‌ଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀମତୀ ମୁର୍ମୁ ସେଠାକୁ ଗସ୍ତ କରିଥିଲେ । ୨୯ ବର୍ଷ ପରେ କୌଣସି ଭାରତୀୟ ରାଷ୍ଟ୍ରପତିଙ୍କ ଏହାଥିଲା ସ୍ଲୋଭାକିଆ ଗସ୍ତ । ଗସ୍ତ ସମୟରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସ୍ଲୋଭାକିଆ ରାଷ୍ଟ୍ରପତିଙ୍କ ସମେତ ପ୍ରଧାନମନ୍ତ୍ରୀ ରବର୍ଟ୍ ଫିକୋ ଏବଂ ବାଚସ୍ପତିଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଲୋଚନା କରିଥିଲେ । ବର୍ତ୍ତମାନ ସମୟରେ ବୃଦ୍ଧି ପାଉଥିବା ପ୍ରଯୁକ୍ତି ବିଦ୍ୟାର ବ୍ୟବହାରକୁ ଦୃଷ୍ଟିରେ ରଖି କୃତ୍ରିମ ବୁଦ୍ଧିମତା ଏବଂ ମହାକାଶ ବିଜ୍ଞାନ କ୍ଷେତ୍ରରେ ଥିବା ଅପାର ସମ୍ଭାବନାର ସଦ୍‌ବିନିଯୋଗ ଏବଂ ଭାରତ ଓ ସ୍ଲୋଭାକିଆ ମଧ୍ୟରେ ଏ ନେଇ ସହଯୋଗ ଦୃଢ଼ କରିବାର ନେଇ ଆଲୋଚନା ହୋଇଥିଲା । ଏହି ଅବସରରେ ସାଇବର ସୁରକ୍ଷା ଆଲୋଚନାର ପ୍ରମୁଖ ପ୍ରସଙ୍ଗ ଥିଲା । ସ୍ଲୋଭାକିଆ ରାଜଧାନୀରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପ୍ରବାସୀ ଭାରତୀୟମାନଙ୍କୁ ସମ୍ବୋଧିତ

କରିଥିଲେ । ସେ ଉଭୟ ଦେଶ ମଧ୍ୟରେ ଥିବା ସାଂସ୍କୃତିକ ସମ୍ପର୍କ ଏବଂ ବିଶେଷ କରି ସେଠାରେ ଭାରତୀୟ ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ । ଉଭୟ ଦେଶ ମଧ୍ୟରେ ଯୋଗ, ଆୟୁର୍ବେଦ ଏବଂ ଭାରତୀୟ ଖାଦ୍ୟପେୟର ଆଦର ସେଠାକାର ଲୋକମାନଙ୍କ ମଧ୍ୟରେ ରହିଥିବା ଜାଣି ରାଷ୍ଟ୍ରପତି ସନ୍ତୋଷବ୍ୟକ୍ତ କରିଥିଲେ ।

ପର୍ତ୍ତୁଗାଲ୍ ଗସ୍ତ ଶେଷ କରି ରାଷ୍ଟ୍ରପତି ସ୍ଲୋଭାକିଆରେ ପହଞ୍ଚିଥିଲେ । ୨୭ ବର୍ଷ ପରେ କୌଣସି ଭାରତୀୟ ରାଷ୍ଟ୍ରପତି କର୍ତ୍ତୁଗାଲ୍ ଗସ୍ତରେ ଯାଇଥିଲେ । ମୁକ୍ତ ବାଣିଜ୍ୟ ବୁଝାମଣା ନେଇ ୟୁରୋପୀୟ ସଂଘ ଏବଂ ଭାରତ ମଧ୍ୟରେ ଆଲୋଚନା ଚାଲିଥିବା ବେଳେ ରାଷ୍ଟ୍ରପତିଙ୍କ ଗସ୍ତକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଇଥିଲା । ଏହି ଗସ୍ତ କାଳରେ କର୍ତ୍ତୁଗାଲ୍‌ର ବରିଷ୍ଠ ନେତୃବୃନ୍ଦଙ୍କ ସହ ଶ୍ରୀମତୀ ମୁର୍ମୁ ବୈଠକ କରିଥିଲେ ।

# ପିଏମ୍-ଏଆଇଏଡିଏମ୍‌କେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ.ଆଇ.ଏ.ଡି.ଏମ୍.କେ. ଏନ୍.ଡି.ଏ.ରେ ସାମିଲ ହେବା ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ଏ ନେଇ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଏନ୍.ଡି.ଏ.ର ଅନ୍ୟ ସହଯୋଗୀମାନଙ୍କ ସହ ମିଶି ସେମାନେ ତାମିଲନାଡୁର ବିକାଶକୁ ଶୀର୍ଷରେ ପହଞ୍ଚାଇବେ ଏବଂ ରାଜ୍ୟର ସେବା କରିବେ । ତାମିଲନାଡୁର

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜୟଲଳିତାଙ୍କ ସ୍ୱପ୍ନକୁ ପୂରଣ କରିବା ଲାଗି ଏନ୍.ଡି.ଏ. ଆହୁରି ଦୃଢ଼ ହେବ ବୋଲି ସେ କହିଛନ୍ତି ।

ଅନ୍ୟ ପକ୍ଷରେ ତାମିଲନାଡୁର ପ୍ରଗତି ଓ ତାମିଲ ସଂସ୍କୃତିର ସ୍ୱତନ୍ତ୍ରତା ବଜାୟ ରଖିବା ପାଇଁ ଦୁର୍ନୀତି ଗ୍ରସ୍ତ ଏବଂ ବିଭାଜନକାରୀ ଡି.ଏମ୍.କେ.କୁ ଉଚ୍ଛେଦ କରାଯିବା ଜରୁରୀ ବୋଲି ଶ୍ରୀ ମୋଦୀ କହିଛନ୍ତି ।

# ଗୋୟଲ୍-ଏଫ୍‌ଟିଏଫ୍

ବାଣିଜ୍ୟିକ ଚୁକ୍ତିର ସମସୀମା ପୂରଣ କରିବା ପାଇଁ ଜାତୀୟ ସ୍ୱାର୍ଥ ସହ ବୁଝାମଣା କରାଯାଇ ପାରିବ ନାହିଁ ବୋଲି କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି । ସେ କହିଛନ୍ତି, ଉଭୟ ପକ୍ଷ ପାଇଁ ବାଣିଜ୍ୟ ଚୁକ୍ତି ଲାଭ ଦାୟକ ହେବା ଆବଶ୍ୟକ । ଗତକାଲି ନୂଆଦିଲ୍ଲୀରେ ଆୟୋଜିତ ନବମ ବିଶ୍ୱ ପ୍ରଯୁକ୍ତିବିଦ୍ୟା ଶିଖର ସମ୍ମିଳନୀରେ ଯୋଗଦେଇ ଶ୍ରୀ ଗୋୟଲ କହିଛନ୍ତି, ବିଶ୍ୱ ବାଣିଜ୍ୟକୁ ନୂଆ ରୂପ ଦେବା କ୍ଷେତ୍ରରେ ଭାରତ ପାଖରେ ସୁଯୋଗ ରହିଛି । ବିଶେଷ କରି ଆମେରିକା ଭଳି ବିଶ୍ୱସ୍ତ ସହଯୋଗୀଙ୍କ ସହ ଏହା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବାଣିଜ୍ୟ ଚୁକ୍ତିର ଆବଶ୍ୟକତା ପୂରଣ କରିବା ପାଇଁ ଜାତୀୟ ସ୍ୱାର୍ଥ ସହ ବୁଝାମଣା କରାଯିବ ନାହିଁ ଏବଂ ଏହା ନିରପେକ୍ଷ ଓ ପାରସ୍ପରିକ ଲାଭଦାୟକ ହେବା ଆବଶ୍ୟକ ବୋଲି ସେ କହିଛନ୍ତି ।

ବର୍ତ୍ତମାନ ସମୟରେ ଭାରତ ୟୁରୋପୀୟ ସଂଘ, ବ୍ରିଟେନ୍ ଏବଂ ଆମେରିକା ସମେତ ଅନେକ ଦେଶ ଏବଂ ଗୋଷ୍ଠୀ ସହ ବାଣିଜ୍ୟ ଚୁକ୍ତି ଉପରେ କାର୍ଯ୍ୟ କରୁଛି । ଅନ୍ୟ ପକ୍ଷରେ ୟୁରୋପ ଅଣଶୁଳ୍କ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ଏହାକୁ ପୁନର୍ବିଚାର ପାଇଁ ଶ୍ରୀ ଗୋୟଲ୍ ଆହ୍ୱାନ ଦେଇଛନ୍ତି ।

## ଜୟଶଙ୍କର-ରୁବିଓ

ଭାରତ ଓ ଆମେରିକା ମଧ୍ୟରେ ଆତଙ୍କବାଦ ବିରୋଧୀ ସହଯୋଗକୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ପ୍ରଶଂସା କରିଛନ୍ତି । ୨୬/୧୧ ମୁମ୍ବାଇ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ତହୱୁର୍ ହୁସେନ୍ ରାଣାଙ୍କ ପ୍ରତ୍ୟର୍ପଣ ନେଇ ଆମେରିକାର ବୈଦେଶିକ ସଚିବ ମାର୍କ ରୁବିଓ ସାମାଜିକ ଗଣମାଧ୍ୟମରେ ଦେଇଥିବା ପୋଷ୍ଟର ଜବାବରେ ଡକ୍ଟର ଜୟଶଙ୍କର କହିଛନ୍ତି, ଏହି ଆକ୍ରମଣର ପୀଡ଼ିତଙ୍କୁ ନ୍ୟାୟ ଦେବା କ୍ଷେତ୍ରରେ ଏହା ଏକ ବଡ଼ ପଦକ୍ଷେପ ।

ରୁବିଓ ତାଙ୍କ ପୋଷ୍ଟରେ ଲେଖିଛନ୍ତି ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ତହୱୁର୍ ରାଣାର ବିଚାର ପାଇଁ ଆମେରିକା ତାଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିଛି । ଏହି ଆକ୍ରମଣରେ ପ୍ରାଣ ହରାଇଥିବା ୬ ଜଣ ଆମେରିକୀୟଙ୍କ ସମେତ ୧୬୬ ଜଣଙ୍କ ପାଇଁ ଭାରତ ଦୀର୍ଘ ଦିନ ହେବ ନ୍ୟାୟ ଅପେକ୍ଷାରେ ରହିଛି ।

## ତେଲଙ୍ଗାନା ମାଓଇଷ୍ଟ

ତେଲଙ୍ଗାନାରେ ବେନିୟମ ଘୋଷିତ ସି.ପି.ଆଇ. ମାଓବାଦୀ ଦଳର ୨୨ ଜଣ ସଦସ୍ୟ ଆତ୍ମସମର୍ପଣ କରିଛନ୍ତି । ଗତକାଲି ମୁଲୁଗୁ ଜିଲ୍ଲାରେ ସମ୍ପୃକ୍ତ ମାଓବାଦୀମାନେ ପୋଲିସ୍ ନିକଟରେ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି । ଏମାନଙ୍କ ମଧ୍ୟରେ ତିନି ଜଣ ଏରିଆର କମିଟି ସଦସ୍ୟ, ଜଣେ ଦଳୀୟ ସଦସ୍ୟ ଏବଂ ୧୮ ଜଣ ରିଭଲ୍ୟୁସନାରୀ କମିଟିର ସଦସ୍ୟ ଥିବା କୁହାଯାଇଛି । ୨୨ ଜଣ ମାଓବାଦୀଙ୍କ ମଧ୍ୟରୁ ତିନି ଜଣ ପୂର୍ବରୁ ଅନେକ ଗୁଡ଼ିଏ ହିଂସାତ୍ମକ କାର୍ଯ୍ୟକ୍ରମରେ ନିୟୋଜିତ ଥିବା ସହ ଅନେକ ସୁରକ୍ଷା କର୍ମୀଙ୍କ ହତ୍ୟା କରିଥିବା ଜଣାପଡ଼ିଛି । ଜିଲ୍ଲା ପୋଲିସ୍ ଅଧିକ୍ଷକ ସବରିସ ପି ଅନ୍ୟ ମାଓବାଦୀମାନଙ୍କୁ ସେମାନଙ୍କ ପରିବାର ସହ ଶାନ୍ତିପୂର୍ଣ୍ଣ ଜୀବନ ବିତାଇବା ଲାଗି ଆତ୍ମସମର୍ପଣ କରିବାକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ଆତ୍ମସମର୍ପଣ ନ କଲେ ପୋଲିସ୍ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ।

## ୱେବସ୍ ମ୍ୟୁଜିକ୍

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୱେବ୍ସ ସମିଟ୍ ୨୦୨୫ରେ ଅନୁଷ୍ଠିତ ୩୨ଟି ପ୍ରତିଯୋଗିତା ମଧ୍ୟରୁ ସଙ୍ଗୀତ ପ୍ରତିଯୋଗିତାର ବିଜେତାଙ୍କ ନାମ ଘୋଷଣା କରିଛନ୍ତି । ଚଳିତ ବର୍ଷ ମେ ପହିଲାରୁ ୪ ତାରିଖ ପର୍ଯ୍ୟନ୍ତ

ମୁମ୍ବାଇରେ ପ୍ରଥମ ବିଶ୍ୱ ଅଡିଓ ଭିଡ଼ିଓ ଏଣ୍ଟରଟେନ୍‌ମେଣ୍ଟ ସମିଟ୍ – ୱେବ୍ସ ୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି ।

ସାରା ଦେଶରୁ ମିଳିଥିବା ଶତାଧିକ ଆବେଦନ ମଧ୍ୟରୁ ୬ ଜଣ ବିଜେତାଙ୍କୁ ଚୟନ କରାଯାଇଛି । ଏଥିରେ ସଂଗୀତ ଓ ନୃତ୍ୟ ତରଙ୍ଗ ବିଷୟବସ୍ତୁ ସମେତ ଶାସ୍ତ୍ରୀୟ ଓ ସମସାମୟିକ ବିଟ୍ ପର୍ଯ୍ୟନ୍ତ ସମସ୍ତ ବିଭାଗକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ଗଠିତ କମିଟି ବିଜେତାମାନଙ୍କୁ ଚୟନ କରିଥିଲେ । ଏହି ପ୍ରତିଯୋଗିତାର ଉଦ୍ଦେଶ୍ୟ ହେଉଛି ଭାରତ ବିବିଧ ସଂଗୀତ ପ୍ରତିଭାକୁ ଆନ୍ତର୍ଜାତିକ ମଞ୍ଚରେ ପ୍ରଦର୍ଶନ କରିବା ।

## ଡବ୍ଲ୍ୟୁବି ୱାକଫ୍-ପ୍ରୋଟେଷ୍ଟ

ନୂଆ ୱାକଫ୍ ଆଇନ୍‌କୁ ପ୍ରତ୍ୟାହୃତ କରିବା ଦାବିରେ ପ୍ରଦର୍ଶନୀ ଯୋଗୁଁ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଆମ ସମ୍ବାଦଦାତା ଜଣାଇଛନ୍ତି, ମୁର୍ସିଦାବାଦ ଜିଲ୍ଲାର ସୁତି ଏବଂ ସମ୍‌ସେର୍‌ଗଞ୍ଜରେ ବିକ୍ଷୋଭକାରୀମାନେ ପୋଲିସ୍ ଉପରେ ଆକ୍ରମଣ କରିବା ଫଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ବିକ୍ଷୋଭକାରୀମାନେ ପୋଲିସ୍ ଉପରକୁ ବୋମା ଫିଙ୍ଗିବା ଏବଂ ଗୁଳି ଚାଳନା କରିଥିବା ବେଳେ ପାଲଟା ଜବାବରେ ପୋଲିସ୍ ଗୁଳିରେ ତିନିଜଣ ବିକ୍ଷୋଭକାରୀ ଆହତ ହୋଇଛନ୍ତି । ମାଳଦା ଅଞ୍ଚଳରୁ ସୀମା ସୁରକ୍ଷା

ବାହିନୀ ଯବାନମାନଙ୍କୁ ଅଣାଯାଇ ସେଠାରେ ମୁତୟନ କରାଯିବା ପରେ ପରିସ୍ଥିତି ଆୟତାଧୀନ ଥିବା କୁହାଯାଇଛି । ପଶ୍ଚିମବଙ୍ଗ ଚବିଶ ପ୍ରଗଣା ଅଞ୍ଚଳରେ ମଧ୍ୟ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି ।

ଅନ୍ୟ ପକ୍ଷରେ କୋଲକାତାର ପାର୍କସର୍କସ୍ ସେଭେନ୍ ପଏଣ୍ଟ କ୍ରସିଂ ଠାରେ ଛାତ୍ରଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ ପାଇଁ ପ୍ରସ୍ତୁତ ହୋଇଥିବା ବେଳେ ପୋଲିସ୍ ପକ୍ଷରୁ ଏହାକୁ ଅଟକା ଯାଇଥିଲା ।

ବିଜେପି ପକ୍ଷରୁ ଏହି ଘଟଣାକୁ ନିନ୍ଦା କରାଯିବା ସହ ରାଜ୍ୟ ସରକାର କର୍ମଚାରୀ ଚୟନ କ୍ଷେତ୍ରରେ ହୋଇଥିବା ଅନିୟମିତତାକୁ ଲୁଚାଇବା ଉଦ୍ଦେଶ୍ୟରେ ଏଭଳି ପରିସ୍ଥିତି ସୃଷ୍ଟି କରାଯାଇଥିବା ଅଭିଯୋଗ ହୋଇଛି । ପଶ୍ଚିମବଙ୍ଗ ବିଧାନସଭାରେ ବିରୋଧୀ ଦଳ ନେତା  ଶୁଭେନ୍ଦୁ ଅଧିକାରୀ କହିଛନ୍ତି, ଆନ୍ଦୋଳନ ଆଳରେ ଆକ୍ରମଣ ଏବଂ ଲୁଟ୍‌ତରାଜ ଚାଲିଛି । ପ୍ରଦେଶ କଂଗ୍ରେସ କମିଟି ଅଧ୍ୟକ୍ଷ ଅଧିରରଂଜନ ଚୌଧୁରୀ କହିଛନ୍ତି, ପ୍ରଶାସନ ସବୁ ଜାଣିଶୁଣି ମଧ୍ୟ ନିରବତା ଅବଲମ୍ବନ କରୁଛି । ଇତିମଧ୍ୟରେ ନୂଆ ଓ୍ୱାକଫ୍ ଆଇନ୍ ସମ୍ପର୍କରେ ଆଲୋଚନା କରିବା ଲାଗି ଆସନ୍ତା ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ’ ମୌଲବୀ, ଇମାମ୍ ଓ ଅନ୍ୟ ସଂଗଠନ ଗୁଡ଼ିକର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

# ଇରାନ୍ ଟକସ୍

ଇରାନ୍ ଏବଂ ଆମେରିକା ଆଜି ଓମାନ ଠାରେ ଅଣୁଚୁକ୍ତି ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବେ । ପଶ୍ଚିମ ଏସିଆ ଅଞ୍ଚଳରେ ଦେଖାଦେଇଥିବା ବିବାଦକୁ ରୋକିବା ଏବଂ ସୃଷ୍ଟି ହୋଇଥିବା ଉତ୍ତେଜନା ମୂଳକ ପରିସ୍ଥିତିର ସ୍ଥାୟୀ ସମାଧାନ ନିମନ୍ତେ ଏହି ଆଲୋଚନା କରାଯିବ ବୋଲି ଜଣାପଡ଼ିଛି । ଇରାନ୍‌ର ବୈଦେଶିକ ମନ୍ତ୍ରୀ ଆବାସ୍ ଆରାଗାଛିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆମେରିକାର ପ୍ରତିନିଧି ଦଳ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏଥିରେ ଓମାନ୍‌ର ବୈଦେଶିକ ମନ୍ତ୍ରୀ ମଧ୍ୟସ୍ଥତା କରିବେ । ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନ୍‌କୁ ଦୁଇ ମାସର ମହଲତ ଦେଇଛନ୍ତି । ସେହି ସମୟ ମଧ୍ୟରେ ଇରାନ୍‌କୁ ଏକ ଚୁକ୍ତି ଗ୍ରହଣକାରୀ ସମସ୍ତ ପରମାଣୁ କାର୍ଯ୍ୟକ୍ରମ ବନ୍ଦ କରିବା ଲାଗି କୁହାଯାଇଛି ।

ଅନ୍ୟ ପକ୍ଷରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଇରାନ୍‌ର ବୈଦେଶିକ ମନ୍ତ୍ରଣାଳୟ ଏ ନେଇ ଆମେରିକାକୁ ଇରାନ୍‌ର ସାର୍ବଭୌମତ୍ୱକୁ ସମ୍ମାନ ଦେବାକୁ କହିଛି ।

## ଡବ୍ଲ୍ୟୁବି ଇଡିୟୁ ମିନିଷ୍ଟ୍ର-ଟିଚର୍ସ୍

ପଶ୍ଚିମବଙ୍ଗ ଶିକ୍ଷାମନ୍ତ୍ରୀ ବ୍ରତ୍ୟ ବାସୁ କହିଛନ୍ତି, ନ୍ୟାୟିକ ପରାମର୍ଶ ପରେ ଯୋଗ୍ୟ ଓ ଅଯୋଗ୍ୟ ଶିକ୍ଷକମାନଙ୍କ ତାଲିକା ପ୍ରକାଶ କରାଯିବ । ଗତକାଲି ଶିକ୍ଷକମାନଙ୍କ ସଂଗଠନ ସହ କୋଲକାତାରେ ଆଲୋଚନା ପରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ଚାକିରି ହରାଇଥିବା ଯୋଗ୍ୟ ଶିକ୍ଷକମାନଙ୍କ ଦାବି ଯଥାର୍ଥ ।

ଅନ୍ୟ ପକ୍ଷରେ ଅନୁଷ୍ଠିତ ବୈଠକରେ ଚାକିରି ହରାଇଥିବା ଶିକ୍ଷକମାନେ ସେମାନଙ୍କ ମତ ଉପସ୍ଥାପନ କରିଥିଲେ । ବୈଠକ ଡାକିଥିବା ମେହେବୁବ ମଣ୍ଡଳ କହିଛନ୍ତି, ସୁପ୍ରିମ୍‌କୋର୍ଟଙ୍କ ଠାରୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ । ତେବେ ଆନ୍ଦୋଳନରେ ସରକାରୀ ସମ୍ପତ୍ତି ନଷ୍ଟ କରାଯିବ ନାହିଁ ବୋଲି ସେ କହିଛନ୍ତି ।

## ଆଇପିଏଲ୍

୨୦୨୫ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍‌ର ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ୍ ୮ ୱିକେଟ୍‌ରେ ଚେନ୍ନାଇ ସୁପରକିଙ୍ଗସ୍‌କୁ ପରାସ୍ତ କରିଛି । ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ସୁପରକିଙ୍ଗସ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ବିନିମୟରେ ୧୦୩ରନ୍ ସଂଗ୍ରହ କରିଥିଲା । ସ୍ପିନର୍

ସୁନୀଲ ନାରିନ୍ ତିନୋଟି ୱିକେଟ୍ ନେଇଥିବା ବେଳେ ବରୁଣ ଚକ୍ରବର୍ତ୍ତୀ ଏବଂ ହର୍ଷିତ୍ ରାଣା ୨ଟି ଲେଖାଏଁ ୱିକେଟ୍ ନେଇଥିଲେ ।

ଏହାର ଜବାବରେ କୋଲକାତା ନାଇଟ୍ ରାଇଡର୍ସ୍ ୧୦ ଓଭର୍ ଗୋଟିଏ ବଲ୍‌ରେ ୨ ୱିକେଟ୍ ହରାଇ ୧୦୭ରନ୍ ସଂଗ୍ରହ କରିଥିଲା । ଓପନର୍ ସୁନୀଲ ନାରିନ୍ ୧୮ଟି ବଲ୍‌ରେ ସର୍ବାଧିକ ୪୪ରନ୍ କରିଥିଲେ ।

ଆଜି ଆଇପିଏଲ୍‌ରେ ଦୁଇଟି ମ୍ୟାଚ୍ ଖେଳାଯିବ । ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ଲକ୍ଷ୍ନୌରେ ଗୁଜରାଟ୍ ଟାଇଟନ୍ସ ଓ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ମଧ୍ୟରେ ମୁକାବିଲା ହେବାକୁ ଥିବା ବେଳେ ହାଇଦ୍ରାବାଦ୍‌ରେ ସନ୍ଧ୍ୟା ସାଢ଼େ ୭ଟାରେ ପଞ୍ଜାବ କିଙ୍ଗସ୍ ଏବଂ ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।